## ଡ୍ରାଇଭର ସଂଘର ଆନ୍ଦୋଳନ

ଆର.ଉଦୟଗିରି,(ମନୋଜ କୁମାର ପାଢ଼ୀ)ମହେନ୍ଦ୍ରଗଡ଼ଠାରେ ରାଜ୍ୟ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ନିର୍ଦ୍ଦେଶରେ ଶୁକ୍ରବାର ଡ୍ରାଇଭର ସଂଘର ପଞ୍ଚାୟତସ୍ତରୀୟ ଆନ୍ଦୋଳନ ହୋଇଥିଲା। ପଞ୍ଚାୟତ ସଭାପତି ଦୁଃଖିଶ୍ୟାମ ପାତ୍ର ଏହାର ନେତୃତ୍ୱ ନେଇଥିଲେ। ଜିଲା ସମ୍ପାଦକ ଭୈରବ ବିଷୋୟୀ ଯୋଗ ଦେଇଥିଲେ। ଦୀର୍ଘ ଦିନ ଧରି ଓଡ଼ିଶାର ଡ୍ରାଇଭର ମହାସଂଘ ସରକାରଙ୍କ ପାଖରେ ୧୦ ଦଫା ଦାବି ଉପସ୍ଥାପନ କରିଥିଲେ ମଧ ସରକାର ମାତ୍ର ଗୋଟିଏ ଦାବି ପୂରଣ କରି ଚୁପ ରହିଛନ୍ତି। ଏହାର ପ୍ରତିବାଦରେ ସମଗ୍ର ରାଜ୍ୟରେ ପଞ୍ଚାୟତ ସ୍ତରରେ ଆନ୍ଦୋଳନ ହୋଇଛି। ଯଦି ସରକାର ତୁରନ୍ତ ଏହାର ବିଚାର ନ କରନ୍ତି ଚକାବନ୍ଦ ଆନ୍ଦୋଳନ କରାଯିବ ବୋଲି ସଭାପତି ପାତ୍ର କହିଛନ୍ତି। ଏହି ଆନ୍ଦୋଳନରେ ପଞ୍ଚାୟତର ପ୍ରାୟ ୫୦ ଜଣ ଡ୍ରାଇଭର ଯୋଗ ଦେଇଥିଲେ।

# ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

ଭଞ୍ଜନଗର,୨୯।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ମେଡିକାଲରେ ଶନିବାର ଜଣେ ଗର୍ଭବତୀ ମହିଳାଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ସେ ହେଲେ ବେଲଗୁଣ୍ଠା ବ୍ଲକ ପୁରୁଣା ଉଦ୍ରା ଗ୍ରାମର ଟିଙ୍କିନା ସାମଲ। ତାଙ୍କ ମୃତ୍ୟୁକୁ ନେଇ ମେଡିକାଲରେ ଦୀର୍ଘ ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଉତ୍ତେଜନା ଥମିଥିଲା।

ପ୍ରକାଶ ଯେ, ଟିଙ୍କିନାଙ୍କୁ ତାଙ୍କ ପରିବାର ଲୋକେ ଗତ ୨୬ ତାରିଖରେ ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲରେ ଭର୍ତ୍ତି କରିଥିଲେ। ୨୭ରେ ତାଙ୍କୁ ଗୋଟିଏ ରକ୍ତ ପ୍ୟାକେଟ ପ୍ରଦାନ କରାଯାଇଥିଲା। ୨୮ ତାରିଖ ରାତିରେ ତାଙ୍କୁ ଆଉ ଗୋଟିଏ ରକ୍ତ ଦେଇଥିଲେ। ରାତି ପ୍ରାୟ ୩ଟାରେ ସେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ପରେ ତାଙ୍କ ସ୍ୱାମୀ ଡ୍ୟୁଟିରେ ଥିବା ନର୍ସଙ୍କୁ ଡାକିଥିଲେ। ନର୍ସ ଦେଖିବା ପରେ ଏମିତି ହେବ କିଛି ଅସୁବିଧା ନାହିଁ କହି ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ଟିଙ୍କିନାଙ୍କ ମୃତ୍ୟୁ ହୋଇଥିଲା। ଚିକିତ୍ସା ଅବହେଳାରୁ ଟିଙ୍କିନାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ପରିବାର ଲୋକେ ମେଡିକାଲରେ ପାଟିତୁଣ୍ଡ କରିଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ମୃତଦେହକୁ ଧରି ଆନ୍ଦୋଳନ କରିଥିଲେ। ପରେ ପୋଲିସ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରି ସ୍ଥିତି ନିୟନ୍ତ୍ରଣ କରିଥିଲା। ଅପରାହ୍ଣରେ ପରିବାର ଲୋକେ ମୃତଦେହ ଘରକୁ ନେଇଛନ୍ତି। ଏନେଇ ମେଡିକାଲ ଅଧୀକ୍ଷକ ଡାକ୍ତର ସୀତାଂଶୁ ଶେଖର ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ମହିଳା ଜଣକ ରକ୍ତହୀନତାରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ୨୭ରେ ତାଙ୍କୁ ଗୋଟିଏ ରକ୍ତ ପ୍ରଦାନ କରାଯାଇଥିଲା। ୨୮ରେ ସେ ସୁସ୍ଥ ଥିବା ବେଳେ ଆଉ ଗୋଟିଏ ରକ୍ତ ପ୍ୟାକେଟ ପ୍ରଦାନ କରାଯାଇଥିଲା। ରାତିରେ ସେ ମୃତ୍ୟୁବରଣ କରିଥିଲେ। ସେ ସୁସ୍ଥ ଥିବା ବେଳେ କିଭଳି ମୃତ୍ୟୁବରଣ କଲେ ତାହାର ତଦନ୍ତ କରାଯାଉଛି। ତାଙ୍କ ଚିକିତ୍ସାରେ ଅବହେଳା କରାଯାଇନାହିଁ। ଚିକିତ୍ସା ଅବହେଳା ଅଭିଯୋଗକୁ ଡା. ଶତପଥୀ ଖଣ୍ଡନ କରିଛନ୍ତି।

**ମୃତଦେହ ରଖି ମେଡିକାଲରେ ପରିବାର ଲୋକଙ୍କ ଆନ୍ଦୋଳନ**



ମୃତଦେହ ନିକଟରେ ଶୋକାକୁଳ ପରିବାର ବର୍ଗ।

## ସଂକ୍ଷେପରେ

### ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ପାଇ କଳସ ଯାତ୍ରା

ଚିକିଟି,୨୯।୩(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ୍ ଲାଲମେଣ୍ଟା ପଞ୍ଚାୟତ ଅନ୍ତର୍ଗତ ବଡ଼ କେଳାଝୁରି ଓ କୋଳିପେଣ୍ଟ ଗ୍ରାମରେ ଅତି ପୁରାତନ କାଳରୁ ପୂଜା ପାଇ ଆସୁଥିବା ୨ଟି ମା' ବୁଢ଼ୀ ଠାକୁରାଣୀ ମନ୍ଦିର ସହ ମା' ସାତ ଭଉଣୀ ମନ୍ଦିରଙ୍କ ପ୍ରତିଷ୍ଠା ଏବଂ ହନୁମାନ ମନ୍ଦିର ପ୍ରତିଷ୍ଠା ଶନିବାର ଶୁଭାରମ୍ଭ ହୋଇଛି। ଏହି ଅବସରରେ ଆଖପାଖ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଧାନ୍ୟରାଶି ଗ୍ରାମ ନିକଟସ୍ଥ ବାହୁଦା ନଦୀରୁ କଳସରେ ଜଳ ଧରି ମା'ଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ଏହି ଉତ୍ସବ ଏପ୍ରିଲ ୨ ପର୍ଯ୍ୟନ୍ତ ଚାଲିବ। ଏଥି ସହିତ ନାମ ଯଜ୍ଞ, ଘୃତ ଯଜ୍ଞ, ଅନ୍ନଯଜ୍ଞ ଭଳି ବିଭିନ୍ନ କାର୍ଯ୍ୟକ୍ରମ ହେବ ବୋଲି ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

### ପରିବେଶ ସୁରକ୍ଷା ପାଇଁ ମାଲକାନଗିରିରୁ ପୁରୀ ପଦଯାତ୍ରୀଙ୍କୁ ସ୍ୱାଗତ

ଶେରଗଡ଼,୨୯।୩ (ସୂର୍ଯ୍ୟ ନାରାୟଣ ଦାଶ)

ପରିବେଶ ସୁରକ୍ଷା ପାଇଁ ମାଲକାନଗିରିରୁ ପୁରୀ ଅଭିମୁଖେ ୩୫ ଜଣ ବ୍ୟକ୍ତି ଯାତ୍ରା ଆରମ୍ଭ କରିଛନ୍ତି। ଶନିବାର ସେମାନେ ଶେରଗଡ଼ରେ ପହଞ୍ଚିଥିଲେ। ପରିବେଶ ବନ୍ଧୁ ନିରାକାର ବିଷୋୟୀ ଓ ଗୌରହରି ବିଷୋୟୀଙ୍କ ସମେତ ବହୁ ପରିବେଶବିତ୍ ଉକ୍ତ ଦଳକୁ ସ୍ଥାନୀୟ ଜଗନ୍ନାଥପୁରଠାରେ ସ୍ୱାଗତ କରି ଶେରଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ନିକଟକୁ ପାଛୋଟି ନେଇଥିଲେ। ସେଠାରେ ଆୟୋଜିତ ସଭାରେ ସମସ୍ତ ଯାତ୍ରାରେ ସାମିଲ ହୋଇଥିବା ପରିବେଶପ୍ରେମୀମାନେ ନିଜ ଅନୁଭୂତି ପ୍ରକାଶ କରିଥିଲେ। ପରିବେଶ ସୁରକ୍ଷା ସେମାନଙ୍କ ଏକମାତ୍ର ଲକ୍ଷ୍ୟ ବୋଲି କହିଥିଲେ। ରାଜ୍ୟ ପ୍ରଯୁକ୍ତି ବିଦ୍ୟାର ପୂର୍ବତନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବଳରାମ ପଣ୍ଡା, ସୂର୍ଯ୍ୟ ନାରାୟଣ ପ୍ରଧାନ, ଯୋଗଗୁରୁ ସ୍ମୃତିଶେଖର ସାହୁ, ଚିକିତ୍ସକ ଧନଞ୍ଜୟ କୁମାର, ନିହାର ଗାନ୍ଧୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କବିସୂର୍ଯ୍ୟନଗର, ୨୯।୩(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଡା. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶୁକ୍ରବାରଠାରୁ ଦୁଇଦିନିଆ ବାଳିକା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଲେଜ ଅଧ୍ୟକ୍ଷ ଡା. ଅବନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା । ଏଥିରେ ଅଧ୍ୟାପକ ହେମନ୍ତ ଗନ୍ତାୟତ, ନରେନ୍ଦ୍ର ଦାସ, ନରସିଂହ ପାଢ଼ୀ, ପ୍ରଭାତ ନନ୍ଦ, ଚିତ୍ତରଞ୍ଜନ ମିଶ୍ର, ସୌଭାଗ୍ୟ ମଞ୍ଜରୀ ନାଥ, ରୁନି ପାଣିଗ୍ରାହୀ, ସୁଇଟି ସ୍ୱାଇଁ, ଧରିତ୍ରୀ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଶାରୀରିକ ଅଭ୍ୟାସ, ଶାରୀରିକ ଆତ୍ମ ସୁରକ୍ଷା କୌଶଳ ଆବଶ୍ୟକତା ସମ୍ପର୍କରେ ଛାତ୍ରୀଙ୍କୁ ବୁଝାଇଥିଲେ । ପ୍ରଶିକ୍ଷିକା ଭାବେ ପୂଜାରାଣୀ ସ୍ୱାଇଁ ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ସୀତାପତି ମହାରଣା ଓ ବାବୁଲା ମଣ୍ଡଳ ସହଯୋଗ କରିଥିଲେ।

### ଏଆଇସିସି ମୁଖପାତ୍ର, ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର, ୨୯।୩ (ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ)

ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଛତ୍ରପୁର କଂଗ୍ରେସ କର୍ମୀଙ୍କ ଦ୍ୱାରା ଜାତୀୟ ରାଜପଥ ଡିଆରଡିଏ ଛକ ଠାରେ ଏଆଇସିସି ମୁଖପାତ୍ର ପବନ ଖେରା ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବରିଷ୍ଠ କଂଗ୍ରେସ ନେତା ଭାଗିରଥି ବେହେରା, ପିସିସି ସଭ୍ୟ ଭବାନୀ ବେହେରା, ପୂର୍ବତନ ସରପଞ୍ଚ ଡି.କ୍ରୀଷ୍ଣା ରେଡ୍ଡୀ, ପୂର୍ବତନ ଛତ୍ରପୁର ନଗରପାଳ ରାମଚନ୍ଦ୍ର ବେହେରା, ମୁନା ଦାସ, କୁନି ନାୟକ, କୁନା ରେଡ୍ଡୀ, ଜିତୁ ରାଉଳ, ଇଜୁ ଖାନ, ହାଡୁ ରେଡ୍ଡୀ, ଅଶୋକ ପଟ୍ଟନାୟକ, ପୂର୍ବତନ ସରପଞ୍ଚ ଡ଼ି.ରାମସାମୀ ରେଡ୍ଡୀ, କାଳିଆ ରାଉଳ ସମେତ ବହୁ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ପୂର୍ବତଟ ରେଳପଥ ଜିଏମ୍‌ଙ୍କ ପାରଳାଖେମୁଣ୍ଡି ଗସ୍ତ

ପାରଳାଖେମୁଣ୍ଡି,୨୯।୩(ଗିରିଧାରୀ ପରିଛା)

ପୂର୍ବତଟ ରେଳ ବିଭାଗ ସାଧାରଣ ପରିଚାଳକ (ଜିଏମ୍) ପରମେଶ୍ୱର ଫଙ୍କୱାଲ ଶନିବାର ପାରଳାଖେମୁଣ୍ଡି ରେଳ ଷ୍ଟେଶନ ପରିଦର୍ଶନ କରିଛନ୍ତି। ଷ୍ଟେଶନର ଚାଲିଥିବା ଉନ୍ନତିକରଣ କାର୍ଯ୍ୟର ତଦାରଖ କରିଛନ୍ତି । ଏହି ଅବସରରେ ସେ କହଛନ୍ତି ଯେ, ପୂର୍ବତଟ ବିଭାଗର ପ୍ରଥମ ଷ୍ଟେଶନ ଭାବେ ପାରଳାଖେମୁଣ୍ଡି ରେଳ ଷ୍ଟେସନ ଉଦ୍‌ଘାଟନ ହେବ। ବର୍ତ୍ତମାନ ପାରଳାଖେମୁଣ୍ଡି ଷ୍ଟେଶନର ଅଧିକାଂଶ କାମ ସରିଯାଇଛି। ଲିଫ୍ଟ ଲଗା କାମ ଜାରି ରହିଛି । ଏହି କାମ କରିବା ଭିତରେ ବଳକା ନର୍ମାଣ କାମ ମଧ୍ୟ ସରିଯିବ। ଏହା ପରେ ନୂତନ ଷ୍ଟେଶନକୁ ଲୋକାର୍ପିତ କରାଯିବ ବୋଲି ସେ କହିଛନ୍ତି । ସେହିପରି ନୌପଡା-ଗୁଣପୁର ମଧ୍ୟରେ ପାରଳାଖେମୁଣ୍ଡି ହେଉଛି ଏକମାତ୍ର କ୍ରସିଂ ଷ୍ଟେସନ। ଆହୁରି ୪ଟି କ୍ରସିଂ ଷ୍ଟେସନ ନିର୍ମାଣ କରିବାକୁ ଯୋଜନା ରହିଛି । ଏସବୁ କାମ ସରିବା ପରେ ଏହି ରେଳପଥରେ ବିଭିନ୍ନ ସ୍ଥାନକୁ ଅଧିକ ରେଳ ଚଳାଚଳ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି। ଏହା ଛଡା ସ୍ଥାନୀୟ ଲୋକଙ୍କ ଦାବି ରହିଥିଲା କି ଭୁବନେଶ୍ୱର ପଲାସା ମେମୁ ଟ୍ରେନକୁ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବା ଏବଂ ପୁରୀ ଗୁଣୁପୁର ଏକ୍ସପ୍ରେସ ଟ୍ରେନକୁ ସୁପରଫାଷ୍ଟରେ ପରିଣତ କରିବା ପାଇଁ ଦାବି କରାଯାଇଥିଲା।

# କଳିଙ୍ଗ ମଡେଲ ରେସିଡେନ୍ସିଆଲ ସ୍କୁଲର ବାର୍ଷିକୋତ୍ସବ

ରାଇକିଆ,୨୯।୩ (ପ୍ରଦୀପ ବେହେରା)

ରାଇକିଆ କଳିଙ୍ଗ ମଡେଲ ରେଶିଡେନ୍ସିଆଲ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟର ତୃତୀୟ ବାର୍ଷିକୋତ୍ସବରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ, ବାଲିଗୁଡ଼ା ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା, ରାଇକିଆ ବିଡ଼ିଓ ସବ୍ୟସାଚୀ ସାହୁ, ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅରୁଣ ପଣ୍ଡା, ଡଡ଼ିଙ୍ଗିଆ ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ବେରେଡ଼ାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମାଶଙ୍କର ସାମନ୍ତରାୟ ଯୋଗଦେଇ ଛାତ୍ରୀଛତ୍ରଙ୍କ ବିଭିନ୍ନ କ୍ଷେତ୍ରରେ କିପରି ଶୃଙ୍ଖଳିତ ମାଧ୍ୟମରେ ସଫଳତା ହାସଲ କରି ହେବ ସେ ନେଇ ମାର୍ଗଦର୍ଶନ ଦେଇ ଥିଲେ। ବକ୍ତା ଭାବେ ଆଇସିଏମଆର୍ ଗବେଷକ ଡକ୍ଟର ଚିତ୍ତ ରଞ୍ଜନ ସାହୁ ଛାତ୍ରଛାତ୍ରୀଙ୍କ ପାଇଁ ଗବେଷଣାତ୍ମକ ଅଧ୍ୟୟନ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ ନେଇ ମତ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସରସ୍ୱତୀ ପ୍ରଧାନ ବିଭିନ୍ନ ସମସ୍ୟା ଓ ଆବଶ୍ୟକତାକୁ ନେଇ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କୃତି ପ୍ରତିଯୋଗଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଅତିଥିମାନେ କୃତୀ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ରାସ୍ତା ଉନ୍ନତୀକରଣ କରିବାକୁ ମନ୍ତ୍ରୀଙ୍କୁ ଦାବିପତ୍ର

ଗୋପାଳପୁର,୨୯।୩(ନବୀନ ରାଜ ଆଚାରୀ)

ଗୋପାଳପୁର ନିର୍ବାଚନୀ ମଣ୍ଡଳୀ ଖଜୁରିଆ ଓଭରବ୍ରିଜଠାରୁ ଫୁଲଟା, ବୁରୁକୁଦି, କୋଳଥିଗାଁ ଓ ଦୁମିଦୁମି ରାସ୍ତା ଖାଲଖମାରେ ପୂର୍ଣ୍ଣ ହୋଇଛି। ରାସ୍ତାର ଉନ୍ନତିକରଣ ଓ ସମ୍ପ୍ରସାରଣ ପାଇଁ ଶନିବାର କୋଳଥିଗାଁ ସରପଞ୍ଚ ଜଗମୋହନ ପତ୍ର, ସମିତି ସଭ୍ୟା ତନୁଜା ବେହେରା ଓ ଗ୍ରାମବାସୀ ରାଜ୍ୟ ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ଦାବିପତ୍ର ଦେଇଛନ୍ତି। ଖଜୁରିଆ, ପୁଲଟା, ବୁରୁକୁଦି, କୋଳଥିଗାଁ ଦୁମିଦୁମି ରାସ୍ତା ଦୀର୍ଘ ମାସ ହେଲା ସମ୍ପୂର୍ଣ୍ଣ ନଷ୍ଟ ହୋଇପଡ଼ିଛି। ଏହି ରାସ୍ତା ଦେଇ ପ୍ରତିଦିନ ୧୫ରୁ ୨୦ଖଣ୍ଡ ଗ୍ରାମବାସୀ ଯାତାୟତ କରନ୍ତି। ବିଭିନ୍ନ ସମୟରେ ଛୋଟ ମୋଟ ଦୁର୍ଘଟଣା ହୋଇ ପଥଚାରୀ ଗୁରୁତର ହୋଇଛନ୍ତି। ମରାମତି ଓ ଉନ୍ନତିକରଣ ପାଇଁ ପୂର୍ବରୁ ପ୍ରଶାସନ ନିକଟରେ ଅଭିଯୋଗ କରି ସୁଫଳ ନ ମିଳିବାରୁ ଗ୍ରାମବାସୀ ମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି।

# ୬ ପୋଡା ଇଟାଭାଟି ଭାଙ୍ଗିଲା ପ୍ରଶାସନ




ଜେସିବି ଦ୍ୱାରା ଗଢି ଉଠିଥିବା ପୋଡା ଇଟାଭାଟି ଭଙ୍ଗାଯାଉଛି।

ଧରାକୋଟ,୨୯।୩ (ବିଷ୍ଣୁ କେଶରୀ ଆଚାର୍ଯ୍ୟ )

ଧରାକୋଟ ତହସିଲ ପକ୍ଷରୁ ବେଆଇନ ଭାବେ ଗଢି ଉଠିଥିବା ପୋଡ଼ା ଇଟାଭାଟି ଭାଙ୍ଗିବା ଅଭିଯାନ ଆରମ୍ଭ ହୋଇଛି। ଶନିବାର ତହସିଲଦାର ଲମ୍ବୋଦର ମାର୍ଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ରାଜସ୍ୱ ନିରୀକ୍ଷକ ରଞ୍ଜନ ବରଡ, ମନୋଜ ମାଝି, ଅମିନ ନିରଞ୍ଜନ ଶବର, ସୀମାଞ୍ଚଳ ମଲିକ, ବଳରାମ ନାୟକ ଋଷିକୂଲ୍ୟା ନଦୀ ତଟରେ ଥିବା ଭାଲିଆପଲି, ଜଗମୋହନ, ପୁଟୁ ଏବଂ ଚାଞ୍ଚରାପଲିରେ ଥିବା ୬ଟି ଇଟା ଭାଟିକୁ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ମାର୍ଣ୍ଡିଙ୍କୁ ପଚାରିବାରୁ ସେ କହିଲେ, ପୋଡ଼ା ଇଟାଭାଟି ଦ୍ୱାରା ଉତ୍ତାପ ବଢ଼ି ପରିବେଶ ପ୍ରଦୂଷିତ ହେଉଛି। ଯାହାର କୁଫଳ ଜନବସତି ଉପରେ ପଡୁଛି। ଆଗକୁ ଏହି ଅଭିଯାନ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅଭିଯାନରେ ଧରାକୋଟ ଥାନା ଏଏସ୍‌ଆଇ ଅନିଲ ଶବରଙ୍କ ସହ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

## ଛତ୍ରପୁର ଓକିଲ ସଂଘ ନିର୍ବାଚନ

# ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ଏସ୍.ଶ୍ୟାମ କୁମାର ରାଓ



ବାର ଆସୋସିଏଶନର ନବନିର୍ବାଚିତ ପ୍ରତିନିଧିମାନେ ।

ଛତ୍ରପୁର,୨୯।୩(ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲା ଛତ୍ରପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ସଙ୍ଘର ସଭାପତି ଭାବେ ପୁଣି ପ୍ରଦୀପ ପାଢ଼ୀ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଚୈତନ୍ୟ ପ୍ରଧାନ ଓ ଏବଂ ସମ୍ପାଦକ ଭାବେ ଏସ.ଶ୍ୟାମ କୁମାର ରାଓ ନିର୍ବାଚିତ ହୋଇଛନ୍ତି। ସଂଘର ଯୁଗ୍ମ ସମ୍ପାଦକ ଭାବେ ଅନାମ ଚନ୍ଦ୍ର ପ୍ରଧାନ, ସହକାରୀ ସମ୍ପାଦକ ଭାବେ ଜି.କେଶବ ଶେଖର ରେଡ୍ଡୀ, କୋଷାଧ୍ୟକ୍ଷ ଭାବେ ପ୍ରଦୀପ ପଲାଇ, ଲାଇବ୍ରେରୀ ସମ୍ପାଦକ ଭାବେ ବିଶ୍ୱ ଭୂଷଣ ପାଢୀ, କାର୍ଯ୍ୟକାରୀ ସଭ୍ୟ ଭାବେ ଶିବ ପ୍ରସାଦ ସାହୁ ଅପ୍ରତିଦ୍ୱନ୍ଦ୍ୱୀ ରହି ନିର୍ବାଚିତ ହୋଇଛନ୍ତି ।

## ସଭାପତି ରବୀନ୍ଦ୍ର, ସମ୍ପାଦକ ପଦ୍ମନାଭ

ମୋହନା,୨୯।୩(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତଠାରେ ଥିବା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନରେ ୪୦ ସଦସ୍ୟଙ୍କ ମଧ୍ୟରୁ ୨୯ ଜଣ ମତ ସାବ୍ୟସ୍ତ କରିଥିଲେ। ରବିନ୍ଦ୍ର କୁମାର ନାୟକ ସଭାପତି ଓ ସମ୍ପାଦକ ଭାବେ ପଦ୍ମନାଭ ପତି ନିର୍ବାଚିତ ହୋଇଛନ୍ତି। ନିର୍ଦ୍ୱନ୍ଦ୍ୱରେ ଉପସଭାପତି ଭାବେ ସୀମାଞ୍ଚଳ କାର୍ଜି,ଯୁଗ୍ମ ସମ୍ପାଦକ ସୁଶାନ୍ତ ମଲ୍ଲିକ, କୋଷାଧ୍ୟକ୍ଷ ଯୋଶେଫ ମାଝୀ,ଗ୍ରନ୍ଥାଗାର ସଭ୍ୟ ଭାବରେ ପ୍ରଭାତ ଚାନ୍ଦ ପାଇକ ନିର୍ବାଚିତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀ ସଭ୍ୟ ରୂପେ ସୁଦର୍ଶନ ସାହୁ, ସନ୍ତୋଷ ପାଢ଼ୀ, ମଧୁସୂଦନ ପାଢ଼ୀ ମନୋନୀତ ହୋଇଥିବା ନିର୍ବାଚନ ଅଧିକାରୀ ମଧୁସୂଦନ ପାଢ଼ୀ କହିଛନ୍ତି।

## ବୈଦିକ ସତସଙ୍ଗ ସମିତିର ରୌପ୍ୟ ଜୟନ୍ତୀ

ପାତ୍ରପୁର, ୨୯।୩(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ଜରଡ଼ା ବୈଦିକ ସତସଙ୍ଗ ସମିତିର ରୌପ୍ୟ ଜୟନ୍ତୀ ଉତ୍ସବ ଶନିବାର ଆରମ୍ଭ ହୋଇଛି। ଏହା ୩ ଦିନ ଧରି ଚାଲିବ। ଓମ ଧ୍ୱଜା ଉତ୍ତୋଳନ କରାଯାଇ ବ୍ରହ୍ମ ପାରାୟଣ ମହାଯଜ୍ଞର ଶୁଭାରମ୍ଭ ହୋଇଥିଲା। ସନ୍ଧ୍ୟାରେ ସାମୂହିକ ପ୍ରାର୍ଥନା, ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଧ୍ୱଜା ଉତ୍ତୋଳନ ସମୟରେ ଆଚାର୍ଯ୍ୟ କୃଷ୍ଣ ଦେବ ଶାସ୍ତ୍ରୀ, ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, କୁଳମଣି ବାନପ୍ରସ୍ଥି, ସୁଦର୍ଶନ ମୁନି, ବିଦୁଷୀ ମଞ୍ଜୁଳା ବାନପ୍ରସ୍ଥିନୀ, ପଣ୍ଡିତ ଲକ୍ଷ୍ମଣ ଶାସ୍ତ୍ରୀ, ପଣ୍ଡିତ ବ୍ରଜବନ୍ଧୁ ପଣ୍ଡା, ପଣ୍ଡିତ ବୀରେନ୍ଦ୍ର କର, ବିଦ୍ୟୁଷୀ ଲିତା ଦାସ, ପଣ୍ଡିତ ହରିବନ୍ଧୁ ମହାପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜରଡ଼ା ବେଦ ମନ୍ଦିର ସଭାପତି ଟି.ବୈକୁଣ୍ଠ ରାଓ ସୁବୁଦ୍ଧି, ସମ୍ପାଦକ ନରସିଂହ ଗୌଡ ସହଯୋଗ କରିଥିଲେ।

# ଜିତେନ୍ଦ୍ର ପାରଳାଖେମୁଣ୍ଡି ଓକିଲ ସଂଘ ସଭାପତି



ନବନିର୍ବାଚିତ ଓକିଲ ସଂଘ କର୍ମକର୍ତ୍ତାମାନେ ।

ପାରଳାଖେମୁଣ୍ଡି,୨୯।୩(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ଓକିଲ ସଂଘ କାର୍ଯ୍ୟାଳୟଠାରେ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ସକାଳ ୭.୩୦ରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପାଳାଖେମୁଣ୍ଡି ଓକିଲ ସଂଘର ସଭାପତି, ଉପସଭାପତି, ସମ୍ପାଦକ ସମେତ ବିଭିନ୍ନ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଜିଲା ଓକିଲ ସଂଘର ୯୭ ଜଣ ଭୋଟର ନିର୍ବାଚନରେ ସାମିଲ ହୋଇଥିଲେ। ସଭାପତି ପଦ ପାଇଁ ୨ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ଜିତେନ୍ଦ୍ର କୁମାର ପଟ୍ଟନାୟକ ୪୯ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱି ସିଦ୍ଧେଶ୍ୱର ମିଶ୍ର ୪୭ଖଣ୍ଡ ଭୋଟ ପାଇଥିଲେ। ଫଳରେ ୨ଖଣ୍ଡ ଭୋଟ ଅଧିକ ପାଇ ଜିତେନ୍ଦ୍ର ସଭାପତି ରୂପେ ନିର୍ବାଚିତ ହୋଇଥିଲେ। ଗୋଟିଏ ଭୋଟ ନାକଚ ହୋଇଥିଲା। ଯୁଗ୍ମ ସମ୍ପାଦକ ସୌମ୍ୟ ସୌରଭ ପଟ୍ଟନାୟକ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ସତ୍ୟ ନାରାୟଣ ପାଢୀଙ୍କୁ ହରାଇ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଆର. ବାବୁରାଓ, ସମ୍ପାଦକ ଭାବେ ଏମ. ପୃଥିବୀରାଜ ଓ କୋଷାଧ୍ୟକ୍ଷ ସନ୍ଦିପ ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

## ପୁରୁଷୋତ୍ତମପୁର ଓକିଲସଂଘ ନିର୍ବାଚନ

# ସଭାପତି କୃଷ୍ଣଚନ୍ଦ୍ର, ସମ୍ପାଦକ ରବୀନ୍ଦ୍ର



ସମର୍ଥକଙ୍କ ଗହଣରେ ନବ ନିର୍ବାଚିତ ପ୍ରତିନିଧିମାନେ ।

ପୁରୁଷୋତ୍ତମପୁର,୨୯/୩ (ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ଓକିଲ ସଂଘ ନିର୍ବାଚନ ଶେଷ ହୋଇଛି। ଏଥିରେ କୃଷ୍ଣଚନ୍ଦ୍ର ଗୌଡ଼ ତାଙ୍କ ପ୍ରତିଦ୍ୱନ୍ଦି ସ୍ୱରାଜ୍ୟ ପାଣିଗ୍ରାହୀଙ୍କୁ ପରାସ୍ତକରି ସଭାପତି ରୂପେ ବିଜୟୀ ହୋଇଛନ୍ତି। ସେହିପରି ଉପ ସଭାପତି ଭାବେ ଅଶୋକ ମହାନ୍ତୁଡଙ୍କୁ ପରାସ୍ତ କରି ଦୁର୍ଗାଚରଣ ଦାଶ ବିଜୟୀ ହୋଇଛନ୍ତି। ସମ୍ପାଦକ ପଦବୀ ଲାଗି ୪ ପ୍ରାର୍ଥୀ ରବିନ୍ଦ୍ର ସାହୁ, ସଦାଶିବ ପଣ୍ଡା, ଅମ୍ରେଶ ତ୍ରିପାଠି ଓ ରାମଚନ୍ଦ୍ର ଆଚାର୍ଯ୍ୟ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ସେଥି ମଧ୍ୟରୁ ରବିନ୍ଦ୍ର ସାହୁ ବିଜୟୀ ହୋଇଛନ୍ତି। ସହ ସମ୍ପାଦକ ଭାବେ କେ.ସଶାଙ୍କ ଶେଖର ରାଓ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହାକୁ ନିର୍ବାଚନ ଅଧିକାରୀ ଭାବେ ବିରିଷ୍ଠ ଓକିଲ ବାସୁଦେବ ଜେନା ପରିଚାଳନା କରିଥିଲେ ।

## ଜିଲା ବାର ଆସୋସିଏଶନ ନିର୍ବାଚନ

# ଚନ୍ଦ୍ର ଶେଖର ସଭାପତି, ବୀରେନ୍ଦ୍ର ସମ୍ପାଦକ

ଫୁଲବାଣୀ, ୨୯।୩(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ବାର ଆସୋସିଏଶନର ନିର୍ବାଚନ ଶନିବାର ଶେଷ ହୋଇଛି। ସଭାପତି ଭାବେ ଚନ୍ଦ୍ର ଶେଖର ପରିଡ଼ା, ଉପ ସଭାପତି ଦିଲ୍ଲୀପ କୁମାର ବାନାର୍ଜୀ, ସମ୍ପାଦକ ଭାବେ ବିରେନ୍ଦ୍ର କୁମାର ସୁବୁଦ୍ଧି, ଯୁଗ୍ମ ସମ୍ପାଦକ ଭାବେ ତୁଷାର କାନ୍ତ ନାୟକ, କୋଷାଧ୍ୟକ୍ଷ କୃଷ୍ଣ ଚନ୍ଦ୍ର ସେନାପତି ଓ ଲାଇବ୍ରେରୀ ସମ୍ପାଦକ ଭାବେ ନମିତା ସାହୁ ନିର୍ବାଚିତ ହୋଇଛନ୍ତି ସେହିପରି କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ବିଜୟ କୁମାର ମହାନ୍ତି, ଶିବ ପ୍ରସାଦ ତ୍ରିପାଠୀ, ଭି.ଭି ରାମଦାସ, ଦୁର୍ଗା ଶଙ୍କର ପଟ୍ଟନାୟକ, ନରେଶ କୁମାର ପାଢ଼ୀ, ବିଣାପାଣୀ ପ୍ରଧାନ ଓ ପ୍ରତାପ କୁମାର ବେହେରା ମନୋନୀତ ହୋଇଛନ୍ତି। ]



### ସଭାପତି ପ୍ରଦୀପ, ସମ୍ପାଦକ ଇନ୍ଦ୍ରମଣୀ

ଦାରିଙ୍ଗବାଡ଼ି, (ଅରୁଣ ସାହୁ)

ଦାରିଙ୍ଗବାଡି ଓକିଲ ସଙ୍ଘର କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ମୁଖ୍ୟ ପଦବୀ ସଭାପତି ଭାବେ ପ୍ରଦୀପ କୁମାର ସାହୁ ଓ ସାଧାରଣ ସମ୍ପାଦକ ଭାବେ ଇନ୍ଦ୍ରମଣୀ ପ୍ରଧାନ ନିର୍ବାଚନ ଜିତିଛନ୍ତି। ଉଭୟ ପଦ ପାଇଁ ତ୍ରିମୁଖୀ ଲଢେଇ ହୋଇଥିବା ବେଳେ ଦୁହେଁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀଙ୍କ ଠାରୁ ଅଧିକା ଭୋଟ ପାଇ ନିର୍ବଚିତ ହୋଇଛନ୍ତି। ସେହିପରି କୋଷଧ୍ୟକ୍ଷ ଭାବେ ରାମଚନ୍ଦ୍ର ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବଚାନ ହୋଇଥିବା ବେଳେଉ ପସଭାପତି ଭାବେ ସନ୍ତୋଷ ସାହୁ, ସହ ସମ୍ପାଦକ ହରେନ ସାହୁ, ପାଠାଗାର ସମ୍ପାଦକ ଭାବେ ଏଲିୟାସ ମାଝୀ, କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋଜ ପଣ୍ଡା ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଏହି ନିର୍ବଚାନକୁ ବରିଷ୍ଠ ଆଇନଜୀବୀ ଉମେଶ କର ପରିଚାଳନା କରିଥିଲେ। ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ସମ୍ପନ୍ନ ହୋଇଥିବା ବରିଷ୍ଠ ଓକିଲ ଉମେଶ କର କହିଛନ୍ତି। ଏହି ନିର୍ବାଚନ ସମୟରେ ସମସ୍ତ ଓକିଲ ଉପସ୍ଥିତ ଥିଲେ।

### ସଭାପତି ଭାବେ ଦୀପକ ଭରଦ୍ୱାଜ ନିର୍ବାଚିତ

ଜି.ଉଦୟଗିରି, (ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ବାର ଆଶୋସିଏସନର ନିର୍ବାଚନ ଶେଷ ହୋଇଛି। ମହିଳା ଆଇନଜୀବୀ ପୁଷ୍ପାଶ୍ରୀ ରାଉତରାୟ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିଲେ। ସଭାପତି ଓ ଉପସଭାପତି ପଦବୀ ନିମନ୍ତେ ଦୁଇ ଜଣ ପ୍ରାର୍ଥୀ ନିଜ ପ୍ରାର୍ଥୀପତ୍ର ଦାଖଲ କରିବା ଫଳରେ ଭୋଟିଂ ହୋଇଥିଲା। ସମୁଦାୟ ୬୩ ଜଣ ଆଇନଜୀବୀଙ୍କ ମଧ୍ୟରୁ ୫୩ ଜଣ ମତଦାନ କରିଥିଲେ। ସଭାପତି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଆଇନଜୀବୀ ପ୍ରତାପ ନାୟକ ୨୨ ଖଣ୍ଡ ଭୋଟ୍ ପାଇଥିବା ବେଳେ ଆଇନଜିବୀ ଦୀପକ କୁମାର ଭରଦ୍ୱାଜ ୩୧ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଉପସଭାପତି ଆସନ ନିମନ୍ତେ ଶୁଭ୍ରାଂଶ ନାୟକ ୨୬ଟି ଭୋଟ ପାଇଥିବା ବେଳେ ସୁଶୀଲ ପାଣିଗ୍ରାହୀ ୨୭ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅନ୍ୟକେହି ପ୍ରାର୍ଥିପତ୍ର ଦାଖଲ କରି ନ ଥିଲେ। ଫଳରେ ଜି.ଉଦୟଗିରି ଓକିଲ ସଂଘ ସମ୍ପାଦକ ଭାବେ ଅଜିତ ଦିଗାଲ, ସହ ସମ୍ପାଦକ ବୁଲୁ ସାହେବ ସେଠୀ, କୋଷାଧ୍ୟକ୍ଷ ବ୍ରଜମୋହନ ପାତ୍ର, କାର୍ଯ୍ୟକାରୀଣୀ ସଦସ୍ୟ ଭାବେ ଧୀରଜ ପ୍ରଧାନ, ଅଶ୍ୱିନ ଦିଗାଲ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ପୁଷ୍ପାଶ୍ରୀ ରାଉତରାୟ ସୂଚନା ଦେଇଛନ୍ତି।

## ବସ୍‌ଷ୍ଟାଣ୍ଡରୁ ବିଦେଶୀ ମଦ ସହ ଗଞ୍ଜେଇ ଜବତ

ବାଲିଗୁଡ଼ା,(ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳ ଜିଲା ବାଲିଗୁଡ଼ାସ୍ଥିତ ବସ୍‌ଷ୍ଟାଣ୍ଡରେ ଦୋକାନ କରିଥିବା ବରଡ଼ ଭେରାଇଟ ଷ୍ଟୋରରେ ଚକୋଲେଟ, ବିସ୍କୁଟ, ମିକ୍ଚର ବିକ୍ରି ନାମରେ ଦୀର୍ଘଦିନ ଧରି ବିଦେଶୀ ମଦ ବିକ୍ରି ହେଉଥିବା ଜାଣି ଏସଡିପିଓ ରାମେନ୍ଦ୍ର ପ୍ରସାଦଙ୍କୁ ଖବର ମିଳିବା ପରେ ପୋଲିସ ଟିମ୍ ସହ ଦୋକାନ ଉପରେ ଚଢ଼ାଉ କରାଯାଇ ଥିଲା। ସେଠାରୁ ୧ କେଜି ୨୧୦ ଗ୍ରାମ ଗଞ୍ଜେଇ ସହ ସିଗାରେଟ୍ ଗୋଗୋ ୧କେଜି ୧୧୦ଗ୍ରାମ, ହ୍ୱିସ୍କି ଓଲ୍‌ମଙ୍କ ୨୦ଟା, ବିୟର୍ କେନ୍ ୫ ଏବଂ ୧୭ ଲିଟର ବିଦେଶୀ ମଦ ଜବତ ହୋଇଥିଲା।

## ଶନି ଅମାବାସ୍ୟା ପାଳିତ

ଆସିକା ୨୯।୩ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନଏସିର ସୁନାମ୍ବସାହିସ୍ଥିତ ଶନିଦେବଙ୍କ ଅସ୍ଥାୟୀ ପୀଠରେ ଶନିବାର ଶନି ଅମାବାସ୍ୟା ଉତ୍ସବ ପାଳିତ ହୋଇଛି। ଦିନ ତମାମ ପୂଜାର୍ଚ୍ଚନା ଓ ହରିନାମ ସଂକୀର୍ତ୍ତନରେ ଶନିଦେବାଙ୍କ ପୀଠ ଉତ୍ସବମୁଖରିତ ହୋଇଥିଲା । ବରୁଣ ପୂଜା, ଶଟକର୍ମ, ଶନି ରାହୁ କେତୁଙ୍କ ଷୋଡଶ ଉପଚାର ପୂଜା, ଶନିଦେବଙ୍କ ମହାସ୍ନାନ, ଶନି ଚାଳିଶା, ଶନି ପୁରାଣ ପଠନ, ଆରତି, ମହାଦୀପ ସ୍ଥାପନ ଓ ଶନିଦେବଙ୍କୁ ତୈଳାଭିଷେକ ପରେ ହୋମ କରାଯାଇ ପୂଜାର ପୂର୍ଣ୍ଣାହୁତି ହୋଇଥିଲା । କର୍ମକାଣ୍ଡ ବିଶାରଦ ପଣ୍ଡିତ ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା କରାଯାଇଥିଲା। ରବିନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ହରିନାମ ସଂକୀର୍ତ୍ତନ ପରିଚାଳିତ ହୋଇଥିଲା । କାଯ୍ୟକ୍ରମକୁ ରବିନ୍ଦ୍ର ସାହୁ, ମୁନା ମହାପାତ୍ର, ସତ୍ୟ ପାତ୍ର, କାଳିଆ ପାତ୍ର, ଗୌରୀ ବେହେରା, ସ୍ୱାଧୀନ ବେହେରା, ମୁନା ସାହୁ ପରିଚାଳନା କରିଥିଲେ। ସୂଚନାଯୋଗ, ଗତ ୨୦୧୦ରେ ସୁନାମ୍ବ ସାହିର କେତେକ ଶ୍ରଦ୍ଧାଳୁ ଚାଲି ଚାଲି ମହାରାଷ୍ଟ୍ରର ଶନି ସିଙ୍ଗିନାପୁରସ୍ଥିତ ଶନିଦେବଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରି ଫେରିବା ପରଠାରୁ ସୁନାମ୍ବ ସାହିର ଏହି ଅସ୍ଥାୟୀ ମନ୍ଦିରରେ ଶନିଦେବଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି।

# ଲକ୍ଷ୍ମଣଙ୍କ ଦେଶଭକ୍ତି ଇତିହାସରେ ଲିପିବଦ୍ଧ ହୋଇ ରହିବ

ବ୍ରହ୍ମପୁର,୨୯।୩(ସୁବାସ ଚନ୍ଦ୍ର ପାଢ଼ୀ/ସ୍ମୃତିରଂଜନ ମହାଲିକ)

ବ୍ରହ୍ମପୁର ମଣ୍ଡଳକାରାଗାରରେ ଶନିବାର ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବିଏମସି ମେୟର ସଂଘମିତ୍ରା ଦଳେଇ, ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ମଣ୍ଡଳକାରାଗାରଅଧୀକ୍ଷକ ଧୀରେନ୍ଦ୍ର ନାଥ ବାରିକ, କାରାପାଳ ଲକ୍ଷ୍ମୀକାନ୍ତ ଧାଙ୍ଗଡ଼ା ମାଝୀ ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଉପସ୍ଥିତ ଥିଲେ। ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଜେଲ ଅନ୍ତେବାସୀଙ୍କୁ ମୁଖ୍ୟ ଅତିଥି କହିଥିଲେ ଯେ, ମିଥ୍ୟା ଆରୋପରେ ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମଣ ନାୟକଙ୍କୁ ଫାଶୀ ଦେବାପାଇଁ ୧୯୪୨ ନଭେମ୍ବର ୧୬ତାରିଖରେ ବ୍ରହ୍ମପୁର ଜେଲକୁ ସ୍ଥାନାନ୍ତର କରାଯାଇଥିଲା । ୧୯୪୩ ମାର୍ଚ୍ଚ ୨୯ ଭୋର ୫ଟାରେ ମାତ୍ର ୪୩ ବର୍ଷ ବୟସରେ ବ୍ରହ୍ମପୁର ଜେଲରେ ତାଙ୍କୁ ଫାଶୀ ହୋଇଥିଲା। ଫାଶୀ ପୂର୍ବରୁ ସେ କହିଥିଲେ ସୂର୍ଯ୍ୟ ଯଦି ସତ୍ୟ, ଚନ୍ଦ୍ର ଯଦି ସତ୍ୟ ତେବେ ଭାରତ ସ୍ୱାଧୀନ ହେବ । ଶେଷରେ ଲକ୍ଷ୍ମଣ ନାୟକଙ୍କ ବାଣୀ ସତ୍ୟ ହୋଇଥିଲା । ତେଣୁ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଲକ୍ଷ୍ମଣ ନାୟକଙ୍କ ଅସୀମ ତ୍ୟାଗ ଓ ଦେଶଭକ୍ତ ସର୍ବଦା ଲିପିବଦ୍ଧ ହୋଇ ରହିବ ବୋଲି ସେ କହିଥିଲେ। ସେହିପରି ଜେଲ ଅଧୀକ୍ଷକ ବାରିକ ଶହୀଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଏହାକୁ ପରିଚାଳନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା ଓ ଜେଲର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ପୂଜ୍ୟପୂଜା ସମିତି ଓ ଲକ୍ଷ୍ମଣ ନାୟକ ସ୍ମୃତି ପୌର ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ସ୍କୁଲ ପରିସରରେ ପାଳିତ ଶହୀଦ ଦିବସରେ ଆଇନଜୀବୀ ଅବନୀ ଗୟା ଅଧ୍ୟକ୍ଷତା କରିଥିଲେ। ଲକ୍ଷ୍ମଣ କିଭଳି ଦେଶ ପାଇଁ ଲଢ଼ି ମିଥ୍ୟା ରିପୋର୍ଟ ଆଧାରରେ ଫାଶି ପାଇଥିଲେ ଅତିଥିମାନେ ତାହା ଉପରେ ଆଲୋକପାତ କରିଥିଲେ। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନାତନ ଜାଲି, ସାମାଜିକ କର୍ମୀ ସୁରେନ୍ଦ୍ର ନାଥ ପଣ୍ଡା, ଓଷ୍ଟାର ପୂର୍ବତନ ସମ୍ପାଦକ ବିଜୟ ବେହେରା, ସଂସ୍କାର ମହିମାର ସମ୍ପାଦକ ଶିବ ସୁନ୍ଦର ରଥ ଓ କେଦାର ନାଥ ଚୌଧୁରୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲକ୍ଷ୍ମଣ ନାୟକ ଜଣେ ନିର୍ଭିକ ସ୍ୱାଧୀନତା ସଂଗ୍ରାମୀ ଥିଲେ ବୋଲି ସ୍ମୃତି ଚାରଣ କରାଯାଇଥିଲା। ସଂଘ ସଭାପତି ତ୍ରିନାଥ ମହାରଣାଙ୍କ ସମେତ ଉପସଭାପତି ପ୍ରମୋଦ ସାହୁ, ସାମାଜିକ କର୍ମୀ ଡା. ସୁବାସ ଚନ୍ଦ୍ର ସାହୁ ଓ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।




ବ୍ରହ୍ମପୁର ଜେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ। ପୌର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂଜ୍ୟପୂଜା ସମିତି ସଦସ୍ୟମାନେ।

## ପ୍ରଦୀପ ନାୟକ ଖେମୁଣ୍ଡି ଓକିଲ ସଂଘ ସମ୍ପାଦକ

ଦିଗପହଣ୍ଡି,୨୯।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ଓକିଲ ସଂଘର କେବଳ ସମ୍ପାଦକ ପଦବୀ ପାଇଁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଶନିବାର ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ଅନୁଷ୍ଠିତ ହୋଇଛି। ୬୧ ଜଣ ଆଇନଜୀବୀ ସେମାନଙ୍କ ମତଦାନ କରିଥିଲେ। ମତଦାନ ଗଣତି ପରେ ପ୍ରଦୀପ କୁମାର ନାୟକ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମନୋଜ କୁମାର ପଣ୍ଡାଙ୍କୁ ୨ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ବିଜୟୀ ହୋଇଥିବା ନିର୍ବାଚନ ଅଧିକାରୀ ଚନ୍ଦ୍ରଧ୍ୱଜ ସିଂହ ଘୋଷଣା କରିଛନ୍ତି। ଗୋଟିଏ ଭୋଟ ନାକଚ ହୋଇଥିଲା। ପ୍ରଦୀପଙ୍କୁ ୩୧ ଏବଂ ମନୋଜଙ୍କ ସପକ୍ଷରେ ୨୯ ଖଣ୍ଡ ଭୋଟ ମିଳିଥିଲା। ସେହିପରି ଉପସଭାପତି ଭାବେ ସନ୍ତୋଷ ସାହୁ, ସହ ସମ୍ପାଦକ ଭାବେ ରବିଚନ୍ଦ୍ର ଗୌଡ଼ଙ୍କୁ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ଘୋଷଣା କରାଯାଇଛି।

### ଭଞ୍ଜନଗର ବାର ଆସୋସିଏଶନ ନିର୍ବାଚନ

## ଲକ୍ଷ୍ମୀକାନ୍ତ ସଭାପତି, ଜ୍ୟୋତିରାଜ ସମ୍ପାଦକ ନିର୍ବାଚିତ

ଭଞ୍ଜନଗର,୨୯।୩(ବାବୁଲା ପ୍ରଧାନ)

ଭଞ୍ଜନଗର ବାର ଆସୋସିଏଶନ ନିର୍ବାଚନରେ ଲକ୍ଷ୍ମୀକାନ୍ତ ସଭାପତି, ଜ୍ୟୋତିରଞ୍ଜନ ସମ୍ପାଦକ ରୂପେ ନିର୍ବାଚିତ ହୋଇଛନ୍ତି। ଏନେଇ ଶନିବାର ସକାଳ ସାଢ଼େ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ଏଥିରେ ସଭାପତି ଭାବେ ଲକ୍ଷ୍ମୀକାନ୍ତ ମହାପାତ୍ର, ଉପ ସଭାପତି ଭାବେ ସନ୍ତୋଷ ବେହେରା, କୋଷଧକ୍ଷା ପଦବୀ ପାଇଁ ସଂଗ୍ରାମ କେଶରୀ ମିଶ୍ର ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ଯୁଗ୍ମ ସମ୍ପାଦକ ଭାବେ ଗିରିଜା ଶଙ୍କର ଭୂୟାଁ ଏବଂ ସମ୍ପାଦକ ଭାବେ ଜ୍ୟୋତିରାଜ ପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ପ୍ରକ୍ରିୟାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଲଡୁ କିଶୋର ଆଲତିଆ, ତ୍ରିନାଥ ମଲିକ, ସ୍ନିଗ୍ଧା ଦାସ, ଜ୍ୟୋତି ରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ। ନବ ନିର୍ବାଚିତ ପ୍ରତିନିଧିଙ୍କୁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକଙ୍କ ସମେତ ବାର ଆସୋସିଏଶନର ଅନ୍ୟ ସଦସ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## ସ୍କଚ ଆୱାର୍ଡ ଗ୍ରହଣ କଲେ ଜିଲାପାଳ



ସ୍କଚ ଆୱାର୍ଡ ଗ୍ରହଣ କରୁଛନ୍ତି ଜିଲାପାଳ ଦିବ୍ୟଜ୍ୟୋତି ପରିଡା।

ବ୍ରହ୍ମପୁର, ୨୯।୩(ସୁବାସ ଚନ୍ଦ୍ର ପାଢ଼ୀ) ୨୦୨୨-୨୩ରେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟର ବିକାଶ ପାଇଁ ଆରମ୍ଭ ହୋଇଥିବା 'ନିରୀକ୍ଷଣ' ପ୍ରକଳ୍ପକୁ ଶନିବାର ସ୍କଚ ଆୱାର୍ଡ ମିଳିଛି। ଏହା ଜିଲା ପାଇଁ ଗୌରବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ପ୍ରକଳ୍ପ ଜରିଆରେ ଗର୍ଭବତୀ ମାଆମାନଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣା ଅଲଟ୍ରା ସାଉଣ୍ଡ (ୟୁଏସଜି) ବ୍ୟବସ୍ଥା ହଜାର ହଜାର ମାଆ ମାନଙ୍କ ଭିତରେ ଅଫୁରନ୍ତ ଖୁସି ଆଣିଦେଇଥିଲା। ବିଶେଷ କରି ଅପହଞ୍ଚ ଏବଂ ଗ୍ରାମୀଣ ଅଂଚଳରେ ବାସ କରୁଥିବା ମାଆ ମାନଙ୍କ ପାଇଁ ଏହା ଆଶାର ପ୍ରଦୀପ ସାଜିଥିଲା। ଏହି କାର୍ଯ୍ୟକ୍ରମ ଜରିଆରେ ଆଜି ସୁଦ୍ଧା ମୋଟ ୯୭, ୬୯୮ ଅଲଟ୍ରା ସାଉଣ୍ଡ ମାଗଣା ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଏହି ଉତ୍ସର୍ଗୀକୃତ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟ ସେବା ପାଇଁ ଅଭିନବ କାର୍ଯ୍ୟକ୍ରମ ଦେଶର କୋଣ ଅନୁକୋଣରେ ଗୋଟେ ଦୃଷ୍ଟାନ୍ତମୂଳକ କାର୍ଯ୍ୟଭାବରେ ଉଭା ହୋଇଛି। ଏହାର କାର୍ଯ୍ୟାବଳୀ ଦେଖି ସ୍କଚ ପୁରସ୍କାର ଘୋଷଣା କରାଯାଇଥିଲା। ଶନିବାର ନୂଆଦିଲ୍ଲୀର ଲୋଧି ରୋଡ ଇଣ୍ଡିଆ ହାବିଟାଟ ସେଣ୍ଟର ଜାକାରାଣ୍ଡା ହଲରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜିଲାପାଳ ଶ୍ରୀ ପରିଡା, ଜାତୀୟ ସ୍ୱାସ୍ଥ୍ୟ ମିଶନର ପ୍ରକଳ୍ପ ଅଧିକାରୀ ଶ୍ୟାମ ସୁନ୍ଦର ତ୍ରିପାଠୀ ଏହି ପୁରସ୍କାର ଗ୍ରହଣ କରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## କୁଇ ସମାଜ ଯୁବ ପରିଷଦର ବିକ୍ଷୋଭ

ଫୁଲବାଣୀ, ୨୯।୩ (ରାକେଶ କୁମାର ରାଉତ)




କୁଇ ସମାଜ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

କନ୍ଧମାଳ ଜିଲା ଓ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଛାତ୍ରୀଙ୍କୁ ଅପହରଣ ପରେ ଗଣ ଦୁଷ୍କର୍ମ କରି ନିର୍ମମ ଭାବେ ହତ୍ୟା କରାଯାଉଥିବା ବେଳେ ପୀଡ଼ିତାମାନଙ୍କୁ ନ୍ୟାୟ ମିଳୁନାହିଁ। ଅଭିଯୁକ୍ତ ମାନଙ୍କୁ ଦଣ୍ଡାଦେଶ ହେବାରେ ବିଳମ୍ବ ହେଉଛି । ଯାହା ଫଳରେ ପୀଡ଼ିତା ପ୍ରକୃତ ନ୍ୟାୟ ପାଇପାରୁ ନାହାନ୍ତି। ଏହାର ପ୍ରତିବାଦରେ କନ୍ଧମାଳ ଜିଲାର ଫୁଲବାଣୀ ଠାରେ କୁଇ ସମାଜ ଯୁବ ପରିଷଦ କନ୍ଧମାଳ ତରଫରୁ ମାଦିକୁନ୍ଦା ଛକ ଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ବିଶାଳ ରାଲି ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ନାରୀମାନଙ୍କର ସୁରକ୍ଷା ପାଇଁ ରାଜ୍ୟପାଳ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ୭ ଦଫା ଦାବିପତ୍ର ଦିଆଯାଇଥିଲା। ହତ୍ୟା କରା ଯାଇଥିବା ଟିକାବାଲିର ଛାତ୍ରୀଙ୍କୁ ତୁରନ୍ତ ନ୍ୟାୟ ଦେବା, ମାସେ ମଧ୍ୟରେ ବିଚାର କରି ଦୋଷୀକୁ ମୃତ୍ୟୁ ଦଣ୍ଡ ପ୍ରଦାନ କରିବା, ଦଡକି ନିକଟସ୍ଥ କପାପଦର ଗ୍ରାମରେ ଘଟିଥିବା ହତ୍ୟାକାଣ୍ଡରେ ଅପରାଧୀଙ୍କୁ ଗିରଫ କରିବା, ଲାଇନ ପଡା କଲେଜରେ ଜଣେ ଆଦିବାସୀ ଛାତ୍ରୀଙ୍କୁ ଅସଦାଚରଣ ସହ ମାରଣାନ୍ତକ ଆକ୍ରମଣ ଘଟଣାରେ ଦୁର୍ବୃତ୍ତଙ୍କୁ ଗିରଫ କରି କଠୋର ଦଣ୍ଡ ବିଧାନ କରିବା, ଜିଲାରେ ଏକ ସ୍ୱତନ୍ତ୍ର ମହିଳା ଥାନା ପ୍ରତିଷ୍ଠା କରିବା ଆଦି ଦାବିପତ୍ରରେ ଉଲେଖ ରହିଛି। ସପ୍ତମରେ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କୁଇ ସମାଜ ଯୁବ ପରିଷଦ ପକ୍ଷରୁ ଆୟୋଜିତ ଏହି ରାଲିରେ କୁଇ ସମାଜ ସେବା ସମିତି, ନିଖିଳ ଉତ୍କଳ କୁଇ ସମାଜ ୟୁନିଅନ ଜି.ଉଦୟଗିରି, କୁଇକୁଳ ସମିତି ବାଲିଗୁଡ଼ା, ଦଳିତ ସମାଜ କନ୍ଧମାଳ, ଶୁଣ୍ଢି ସମାଜ କନ୍ଧମାଳ, ସ୍ୱେଚ୍ଛାସେବୀ ସଙ୍ଗଠନ ଏବଂ ଅନ୍ୟମାନେ ଏଥିରେ ସାମିଲ ହୋଇଥିଲେ।

## ହିଞ୍ଜିଳିକାଟୁରେ ମୁକ୍ତିରାମ ସଭାପତି, ଶିବରାମ ସମ୍ପାଦକ

ହିଞ୍ଜିଳିକାଟୁ, ୨୯।୩(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ଓକିଲ ସଂଘର ନିର୍ବାଚନ ଫଳାଫଳ ଘୋଷଣା ହୋଇଛି। ସଂଘର ସମସ୍ତ ପଦବୀ ସକାଶେ ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବାରୁ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଚିତ୍ତରଞ୍ଜନ ମହାରଣା କହିଛନ୍ତି। ସଭାପତି ଭାବେ ମୁକ୍ତିରାମ ସାବତ, ସମ୍ପାଦକ ଶିବରାମ ପଣ୍ଡା, ଉପସଭାପତି ଜଗତ ମୋହନ ସାହୁ ଏବଂ ସହ ସମ୍ପାଦକ ଭାବେ ମହେନ୍ଦ୍ର ପାତ୍ର ନିର୍ବାଚିତ ହୋଇଛନ୍ତି ।

## ଆସିକା: ଅଜିତ ସଭାପତି, ନାରାୟଣ ସମ୍ପାଦକ

ଆସିକା ୨୯।୩ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଓକିଲ ସଂଘର ଚଳିତ ବର୍ଷର କର୍ମକର୍ତ୍ତା ନିର୍ବାଚନରେ ଅଜିତ କୁମାର ଚୌଧୁରୀ ସଭାପତି ଓ ନାରାୟଣ ମୁନି ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବେ ଛବିଳରାମ ମିଶ୍ର, ଯୁଗ୍ମ ସମ୍ପାଦକ ମାନସପୂର୍ଣ୍ଣ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ରାଘବ କୁମାର ନାୟକ ଓ ଲାଇବ୍ରେରୀ ସମ୍ପାଦକ ରୂପେ ସନ୍ତୋଷ କୁମାର ମିଶ୍ର ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ କାଳିଚରଣ ଦାସ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ ଏ ସମସ୍ତ ପଦବୀ ଲାଗି ପ୍ରାର୍ଥୀମାନେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ସମୟରୁ ଅପ୍ରତିଦ୍ୱନ୍ଦ୍ୱୀ ରହିଥିଲେ।

## ଖଲ୍ଲିକୋଟ ଓକିଲ ସଂଘ ନିର୍ବାଚନ, ଚକ୍ରପାଣି ସ୍ୱାଇଁ ସଭାପତି

ଖଲ୍ଲିକୋଟ,୨୯।୩(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବାର ଆସୋସିଏସନ ଶନିବାର ଅନୁଷ୍ଠିତ ନିର୍ବାଚନରେ ଚକ୍ରପାଣି ସ୍ୱାଇଁ ସଭାପତି ରୂପେ ନିର୍ବାଚିତ ହୋଇଛନ୍ତି। ସେହିପରି ମନୋଜ ସାହୁ ଉପସଭାପତି, ସମରଜିତ ଦାଶ ସହ ସମ୍ପାଦକ ରୂପେ ନିର୍ବାଚିତ ହୋଇଥିବା ବେଳେ କୃଷ୍ଣଚନ୍ଦ୍ର ସାହୁ ଅପ୍ରତିଦ୍ୱନ୍ଦ୍ୱି ଭାବେ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ନିଖିଳ କୁମାର ପଟ୍ଟନାୟକ ନିର୍ବାଚନ ଅଧିକାରୀ କାର୍ଯ୍ୟ ତୁଲାଇ ଥିବା ବେଳେ ପ୍ରକାଶ ଚନ୍ଦ୍ର ସାହୁ ସହ ନିର୍ବାଚନ ଅଧିକାରୀ ଭାବେ ସହଯୋଗ କରିଥିଲେ। ନବନିର୍ବାଚିତ ସଭାପତି ନିଜ ପ୍ରତିକ୍ରିୟାରେ ବାରର ପୂର୍ବ ପରମ୍ପରାକୁ ବଜାଇ ରଖିବା ସହ ଏହାର ଉନ୍ନତି ପାଇଁ ଚେଷ୍ଟା ଜାରି ରହିବ ବୋଲି ପ୍ରକାଶ କରିଥିଲେ।

## ମୋରମ ବେଆଇନ ଚାଲାଣ ବେଳେ ଗାଡ଼ି ଜବତ, ୯ ଗିରଫ

ଛତ୍ରପୁର, ୨୯।୩(ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ)

ଗଞ୍ଜାମ ଜିଲ୍ଲା ଛତ୍ରପୁର ଥାନା ଅଧୀନ ସୁନ୍ଦରପୁର ନିକଟ ପଇତାରୀ ପାହାଡ଼ରୁ ବେଆଇନ ଭାବେ ମୋରମ ଖନନ ସହ ଚୋରା ଚାଲାଣ ବେଳେ ଶନିବାର ପୋଲିସ ଚଢ଼ାଉ କରିଛି। ଏଥିରେ ସମ୍ପୃକ୍ତ ୯ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଲକାନଗିରି ଜିଲା ବାଲିମେଳାର ତୁଳାରାମ ବାଗ ଓ ସୁଶାନ୍ତ ସୁନା, ଚମାଖଣ୍ଡି ଥାନା ରାମପଲି ଗାଁର ଜଗନ୍ନାଥ ସ୍ୱାଇଁ ଓ ରାଜେଶ କୁମାର ପ୍ରଧାନ, ଛତ୍ରପୁର ଥାନା ସୁନ୍ଦରପୁର ଗାଁର ବାବୁ ପ୍ରଧାନ ଓ କୃଷ୍ଣ ଚନ୍ଦ୍ର ମହାକୁଡ଼, ଜରଡ଼ା ଥାନା ଜୟନ୍ତପୁର ଗାଁର ଏନ୍.ରାଙ୍ଗା ରେଡ୍ଡୀ, ମାଲକାନଗିରି ଜିଲା ବାଲିମେଳା ଥାନା ଓଲ୍ଡ ଓରକେଲର ଶଙ୍କର ଗୁରୁଡ଼ି, ଆସିକା ଥାନା ରିସିପୁର ଗାଁର ଉତ୍ତମ କୁମାର ନାୟକ। ଏମାନଙ୍କଠାରୁ ୩ ଟି ଟିପ୍ପର, ୨ଟି ହାଇୱା ଓ ଗୋଟିଏ ହୁଣ୍ଡାଇ ହିଟାଚି ଜବତ କରାଯାଇଛି। ଏମାମଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଛତ୍ରପୁର ଥାନା ଆଇଆଇସି ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି। ବେଆଇନ ଭାବେ ମୋରମ ଖନନ ସହ ଚୋରା ଚାଲାଣ ସମ୍ପର୍କରେ ଖବର ପାଇ ଏସ୍‌ଆଇ ସଂଗ୍ରାମ ଦେହୁରୀ ଓ ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ସମସ୍ତଙ୍କୁ ଗିରଫ ସହ ବେଆଇନ କାରବାରରେ ସାମିଲ ଉକ୍ତ ଗାଡ଼ି ଗୁଡ଼ିକୁ ଜବତ କରିଥିଲେ। ଏନେଇ ପୋଲିସ ଏକ କେଶ୍ ନଂ୧୮୮/୨୫ ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

## ସଭାପତି ମନୋଜ, ଭେଙ୍କଟ ସମ୍ପାଦକ ନିର୍ବାଚିତ



**ଗଞ୍ଜାମ ଓକିଲ ସଂଘ**

ବ୍ରହ୍ମପୁର,୨୯।୩(ସୁବାସ ଚନ୍ଦ୍ର ପାଢ଼ୀ)- ଶାନ୍ତି ଶୃଙ୍ଖଳାର ସହ ଗଞ୍ଜାମ ଓକିଲ ସଂଘ ନିର୍ବାଚନ ୨୦୨୫-୨୬ ଶନିବାର ଶେଷ ହୋଇ ଫଳାଫଳ ଘୋଷଣା ହୋଇଛି। ୫୬୯ ଖଣ୍ଡ ପାଇ ସଭାପତି ଭାବେ ମନୋଜ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ସେହିଭଳି ୭୫୩ ଭୋଟ ପାଇ ସମ୍ପାଦକ ଭାବେ ଟି. ଭେଙ୍କେଟ ରାଓ ନିର୍ବାଚିତ ହୋଇଛନ୍ତି। ୭୧୭ ଖଣ୍ଡ ଭୋଟ ପାଇ ଉପସଭାପତି ଭାବେ ତିରୁମାଲା କୁମାର ରେଡ୍ଡୀ ନିର୍ବାଚିତ ହୋଇଥିବା ବେଳେ ୮୦୨ ଖଣ୍ଡ ଭୋଟ ପାଇ ଅସିତ ସାବତ ସହସମ୍ପାଦକ ଭାବେ ବିଜୟୀ ହୋଇଛନ୍ତି। ସକାଳ ସାଢ଼େ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅସ୍ଥାୟୀ ସେଡ଼ରେ ଭୋଟଦାନ ପ୍ରକ୍ରିୟା ଜାରି ରହିଥିଲା । ସଂଘର ୧୬୫୬ ଆଇନଜୀବୀ ଭୋଟ ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୪୩ ଆଇନଜୀବୀ ନିଜର ମତ ସାବ୍ୟସ୍ତ କରିଛନ୍ତି । ଅପରାହ୍ନ ସାଢ଼େ ୫ଟା ସମୟରେ ଭୋଟ ଗଣତି ଆରମ୍ଭ ହୋଇଥିଲା । ସଭାପତି ପଦ ପାଇଁ ୩ ପ୍ରାର୍ଥୀ ମଇଦାନରେ ଥିବା ବେଳେ ମନୋଜ ପଟ୍ଟନାୟକ ଓ ସୀତାଂଶୁ ପଣ୍ଡାଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା । ଉପସଭାପତି ପଦ ପାଇଁ ୩ ପ୍ରାର୍ଥୀ ମଇଦାନରେ ଥିବା ବେଳେ ତିରୁମାଲା କୁମାର ରେଡ୍ଡୀ ବିଜୟୀ ହୋଇଥିଲେ । ସମ୍ପାଦକ ପଦବୀ ପାଇଁ ୪ ପ୍ରାର୍ଥୀ ମଇଦାନରେ ଥିବା ବେଳେ ଟି. ଭେଙ୍କେଟ ରାଓ ବିଜୟୀ ହୋଇଥିଲେ। ସେହିଭଳି ସହସମ୍ପାଦକ ରୂପେ ଅସିତ ସାବତ ସର୍ବାଧିକ ୮୦୨ଭୋଟ ପାଇ ବିଜୟୀ ହୋଇଛନ୍ତି। ନିର୍ବାଚନ ଅଧିକାରୀ ମୋହନ ସିଙ୍ଗାରି ସମସ୍ତ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ । ମୋଟ ୩୮ ଭୋଟ ନାକଚ ହୋଇଥିଲା । ସୁରକ୍ଷା ଦୃଷ୍ଟିରୁ କୋର୍ଟ ପରିସରରେ ପୋଲିସ ମୁତୟନ ଥିଲେ ।

### ବୁଗୁଡ଼ା ଓକିଲ ସଂଘ ନିର୍ବାଚନ

## ଅମର ପଟ୍ଟନାୟକ ସଭାପତି, ସୀମାଞ୍ଚଳ ନନ୍ଦ ସମ୍ପାଦକ

ବୁଗୁଡ଼ା,୨୯।୩ (କାଳିଚରଣ ଦାଶ):

ବୁଗୁଡ଼ା ଓକିଲ ସଂଘ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା ହୋଇଛି। ଏଥିରେ ସଭାପତି ଭାବେ ଅମର କୁମାର ପଟ୍ଟନାୟକ ଏବଂ ଉପସଭାପତି ଭାବେ ସତ୍ୟ ନାରାୟଣ ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ସିମାଞ୍ଚଳ ନନ୍ଦ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ଘୋଷିତ ହୋଇଛନ୍ତି। ଇସି ମେମ୍ବର ଭାବେ ଦୁର୍ଗା ମାଧବ ପଣ୍ଡା, ସଂଗ୍ରାମ କୁମାର ପାତ୍ର ଓ ମନୋଜ କୁମାର ପାଣିଗ୍ରାହୀ, ସହସମ୍ପାଦକ ଭାବେ ଶ୍ରୀକାନ୍ତ ଶତପଥି ଓ କୋଷାଧ୍ୟକ୍ଷ ଭାବେ ରବିନ୍ଦ୍ର ବେହେରା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ପ୍ରକାଶ ଚନ୍ଦ୍ର ଭୂୟାଁ ଓ ସହ-ନିର୍ବାଚନ ଅଧିକାରୀ ଭାବେ କାହ୍ନୁ ଚରଣ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ।

## ଅଭିଭାବକ ସହଭାଗିତା କାର୍ଯ୍ୟକ୍ରମ

ବ୍ରାହ୍ମଣୀଗାଁ ୨୯।୩ (ମନୋରଞ୍ଜନ ରଣା):

ଓଡ଼ିଶା ସରକାରଙ୍କ ଜିଲ୍ଲା ପ୍ରଶାସନ କନ୍ଧମାଳ ପକ୍ଷରୁ ଝିଞ୍ଜିରିଗୁଡ଼ା ପଞ୍ଚାୟତର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଉଲିପଦରରେ ଅଭିଭାବକ ସହଭାଗିତ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନଙ୍କ ଦାରା ସ୍ୱାଗତ ସଙ୍ଗୀତ ଗାନ କରିବା ସହ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ବୈଠକରେ ଆମେ ଜାଣିବା ଆମେ ଜିଣିବା ବିଷୟକୁ ନେଇ ଆଲୋଚନା ଚକ୍ର ହୋଇଥିଲା। ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଦନମୋହନ ବେହେରାଙ୍କ ସଭାପତିତ୍ୱରେ ବାର୍ଷିକ ବିବରଣୀ ପଠନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଝିଞ୍ଜିରିଗୁଡ଼ା ସରପଞ୍ଚ ଶ୍ରୀମତୀ ଚାନ୍ଦିନୀ ପ୍ରଧାନ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯକ୍ଷ ବଡ଼ ମାଝୀ ଯୋଗ ଦେଇଥିଲେ।

## କାର ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ

**ବ୍ୟାଙ୍କ ମ୍ୟାନେଜର ଗିରଫ, ଗାଡ଼ି ଜବତ**

ବ୍ରହ୍ମପୁର, ୨୯।୩( ସୁବାସ ଚନ୍ଦ୍ର ପାଢ଼ୀ) ଜାତୀୟ ରାଜପଥ ଖଜୁରିଆ ବାଇପାସରେ ଶନିବାର ଏକ କାର ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଫୁଲଟା ଗ୍ରାମର ବିଜୟ ନାହାକ(୪୨)। ଏନେଇ ତାଙ୍କ ଭାଇ ରଞ୍ଜନ ନାହାକଙ୍କ ଅଭିଯୋଗକ୍ରମେ ପୋଲିସ ୨୦୦/୨୫ରେ ଏକ ମାମଲା ରୁଜୁ କରି କାର ଚାଳକ ତଥା ଛତ୍ରପୁର ଏଚଡିଏଫସି ବ୍ୟାଙ୍କ ମ୍ୟାନେଜର ବ୍ରଜବାହୁ ମହାରଣା(୪୩)ଙ୍କୁ ଗିରଫ କରିଛି। ଦୁର୍ଘଟଣା ଘଟାଇଥିବା ଇଣ୍ଡିଗୋ କାର (୦୭ଏମ- ୬୪୪୪)କୁ ପୋଲିସ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିଜୟ ଜଣେ ଦିନ ମଜୁରିଆ ଭାବେ କାମ କରନ୍ତି। ପ୍ରତିଦିନ ଭଳି ସେ ଶନିବାର ସକାଳେ ଘରୁ ନିଜ ସାଇକେଲରେ ବ୍ରହ୍ମପୁର କାମ କରିବା ପାଇଁ ବାହାରିଥିଲେ। ଖଜୁରିଆ ଜାତୀୟ ରାଜପଥ ଦେଇ ସେ ଯାଉଥିବା ବେଳେ ହଳଦିଆପଦରରୁ ଛତ୍ରପୁର ଅଭିମୁଖେ ଯାଉଥିବା ଏହି କାରଟି ବିଜୟଙ୍କ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ରାସ୍ତା ଉପରେ ପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ।

# ୫ ବର୍ଷରେ ୩୫୧୬ ଅପମୃତ୍ୟୁ

**ବ୍ରହ୍ମପୁର ଏମକେସିଜି ମେଡିକାଲ**

ବ୍ରହ୍ମପୁର, ୨୯।୩(ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣ ଓଡିଶାର ଏକମାତ୍ର ସରକାରୀ ରେଫରାଲ ହସ୍ପିଟାଲ ହେଉଛି ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ। ଏଠାକୁ ଦକ୍ଷିଣ ଓଡ଼ିଶା ଓ ଖୋର୍ଦ୍ଧା ଜିଲାର ବିଭିନ୍ନ ମେଡିକାଲରୁ ରୋଗୀ ରେଫର୍ ହୋଇ ଆସିଥାନ୍ତି। ସେହିପରି ଆନ୍ଧ୍ର ସୀମାନ୍ତ ଅଞ୍ଚଳର ଲୋକ ମଧ୍ୟ ଏହି ମେଡିକାଲ ଉପରେ ନିର୍ଭରଶୀଳ। ତେବେ ମେଡିକାଲ ପାଇଁ ସ୍ୱତନ୍ତ୍ର ଫାଣ୍ଡି ରହିଛି। ତେଣୁ ଏଠାକୁ ବିଭିନ୍ନ ଆକସ୍ମିକ ଦୁର୍ଘଟଣାର ଶିକାର ହୋଇ ଆସୁଥିବା ଲୋକଙ୍କ ମୃତ୍ୟୁ ହେଲେ ପୋଲିସ ଫାଇଲରେ ତାହା ଅପମୃତ୍ୟୁ ମାମଲା ହେଉଛି। ଏହାକୁ କେନ୍ଦ୍ରକରି ଗତ ୨୦୨୪ରେ ଏମକେସିଜି ମେଡିକାଲ ଫାଣ୍ଡିରେ ୭୭୨ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବିଭିନ୍ନ ଦୁର୍ଘଟଣାରେ ଗୁରୁତର ଲୋକଙ୍କ ଚିକିତ୍ସା ପାଇଁ ୨୪ଘଣ୍ଟିଆ ଜରୁରୀକାଳୀନ କାଜୁଆଲ୍ଟି ବ୍ୟବସ୍ଥା ରହିଛି। ଦିନକୁ ଦିନ ଦୁର୍ଘଟଣା ବଢୁଥିବା ବେଳେ ବିଭିନ୍ନ କାରଣ ଯୋଗୁଁ ଲୋକେ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଏହି ଘଟଣାରେ ମୃତ୍ୟୁ ହେଲେ ତାହାକୁ ଅପମୃତ୍ୟୁ ବୋଲି ବିଚାରକୁ ନିଆଯାଉଛି। ଗତ ୫ ବର୍ଷ ମଧ୍ୟରେ ଉକ୍ତ ଫାଣ୍ଡିରେ ୩୫୧୬ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସଡ଼କ ଦୁର୍ଘଟଣା, ସାପ କାମୁଡ଼ା, ବିଷପାନ, କୌଣସି କାରଣରୁ ଅଚେତ ଅବସ୍ଥାରେ ପଡ଼ିଥିବା ବ୍ୟକ୍ତିଙ୍କୁ ଆମ୍ବୁଲାନ୍ସରେ ଅଣାଯାଇ ଏଠାରେ ଭର୍ତ୍ତି କରାଯାଉଛି । ଚିକିତ୍ସାଧୀନ ଅବସ୍ଥାରେ କିମ୍ବା ଡାକ୍ତରଖାନା ଆସୁଥିବା ବେଳେ ରାସ୍ତାରେ ରୋଗୀଙ୍କ ମୃତ୍ୟୁ ହେଲେ ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରୁଛି। ମୃତ୍ୟୁର କାରଣ ସ୍ପଷ୍ଟ କରିବା ପାଇଁ ମୃତଦେହ ବ୍ୟବଚ୍ଛେଦ ହେଉଛି। ମେଡିକାଲ ଫାଣ୍ଡି ପୋଲିସ ଦ୍ୱାରା ଏହି ସବୁ କାର୍ଯ୍ୟ ହେଉଛି। ଅନ୍ୟପକ୍ଷରେ ଡାକ୍ତରଖାନାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଇଥିବାବେଳେ ଅପମୃତ୍ୟୁ ବଢୁଥିବାରୁ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଗତ ୨୦୨୦ରେ ମେଡିକାଲ ଫାଣ୍ଡିରେ ୬୧୨ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ୨୦୨୧ରେ ୬୩୧, ୨୦୨୨ରେ ୭୧୨, ୨୦୨୩ରେ ୭୮୯ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ୨୦୨୪ ଜୁଲାଇ ୧ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏମକେସିଜି ମେଡିକାଲ ଗସ୍ତରେ ଆସି ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଥିଲେ। ଖାଲି ପଡିଥିବା ଡାକ୍ତର ପଦବି ପୂରଣ ସହିତ ବର୍ନ କେୟାର୍ ୟୁନିଟ ପ୍ରତିଷ୍ଠା ଦିଗରେ ସରକାର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ମେଡିକାଲ କର୍ତ୍ତୃପକ୍ଷ ସରକାରଙ୍କୁ ଚିଠି ମଧ୍ୟ ଲେଖି ସାରିଛନ୍ତି। କିନ୍ତୁ ବଢୁଥିବା ଅପମୃତ୍ୟୁ କିଭଳି କମିବ ଓ ଉନ୍ନତ ସ୍ୱାସ୍ଥ୍ୟ ସେବା କିଭିଳି ମିଳିବ ତାହା ସ୍ୱାସ୍ଥ୍ୟ ବିଭାଗ ପାଇଁ ଜରୁରୀ ହୋଇପଡିଛି।

